रାଜ୍ୟ ନିର୍ବାଚନ ଆୟୋଗ ,ଓଡିଶା

ତୋଶାଳୀ ଭବନ,ବି-୨ ,ପ୍ରଥମ ମହଲା,ସତ୍ୟ ନଗର,

ଭୁବନେଶ୍ୱର-୭୫୧୦୦୭

ତା ୧୧.୦୧.୨୦୨୨

# ପ୍ରେସ୍ ବିଜ୍ଞପ୍ତି

୧. ଭାରତୀୟ ସଂବିଧାନର ଧାରା 243-E ଅନୁଯାୟୀ ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡିକର ଅବଧି ପ୍ରଥମ ବୈଠକ ଠାରୁ ୫ ବର୍ଷ ଶେଷ ହେବା ପୂର୍ବରୁ ପୁର୍ନଗଠନ ହେବା ଆବଶ୍ୟକ ।

୨. ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡିକର ଗତ ସାଧାରଣ ନିର୍ବାଚନ ୧୩.୦୨.୨୦୧୭ ଠାରୁ ୨୧.୦୨.୨୦୧୭ ମଧରେ ହୋଇଥିଲା ଏବଂ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ପ୍ରଥମ ବୈଠକ ଯଥାକ୍ରମେ ତା ୧୦.୦୩.୨୦୧୭, ୧୧.୦୩.୨୦୧୭ ଓ ୧୨.୦୩.୨୦୧୭ ରିଖରେ ଅନୁଷ୍ଠିତ ହୋଇଥିଲା । ସୁତରାଂ ଉପରୋକ୍ତ ପଂଚାୟତି ରାଜ ଅନୁଷ୍ଠାନ ଗୁଡିକର ସାଧାରଣ ନିର୍ବାଚନ ତଥା ପୁନର୍ଗଠନ ଯଥାକ୍ରମେ ତା୧୦.୦୩.୨୨, ୧୧.୦୩.୨୨ ଓ ୧୨.୦୩.୨୨ରିଖ ପୂର୍ବରୁ ହେବା ଆବଶ୍ୟକ ।

୩. ସାମ୍ବିଧାନିକ ବାଧବାଧକତାକୁ ପାଳନ କରିବା ନିମନ୍ତେ ଯଥା ସମୟରେ ନିର୍ବାଚନ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ କରିବା ଆବଶ୍ୟକ ।

୪. ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡିକର ସାଧାରଣ ନିର୍ବାଚନ, ୨୦୨୨ କରିବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ତା ୦୮.୦୧.୨୦୨୨ରିଖରେ ରାଜ୍ୟ ମୁଖ୍ୟ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ତା୧୦.୦୧.୨୦୨୨ରିଖରେ ରାଜ୍ୟର ଡି.ଜି. ଓ ଆଇ.ଜି, ପୋଲିସ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସହିତ ଓ ତା୧୦.୦୧.୨୦୨୨ରିଖରେ ରାଜନୈତିକ ଦଳ ସହିତ ବୈଠକ କରିଥିଲେ ।

୫. ନୂତନ ପଦେକ୍ଷପ

- ବ୍ଲକ ସଦର ମହକୁମାରେ ଭୋଟ ଗଣତି - ପଞ୍ଚାୟତ ଆଇନର ସଂଶୋଧନ ଯୋଗୁଁ ରାଜ୍ୟର ସମସ୍ତ ପର୍ଯ୍ୟାୟ ନିର୍ବାଚନ ସରିବା ପରେ, ବ୍ଲକ ସଦର ମହକୁମାରେ ଏକା ସହିତ ତିନି ଦିନରେ ୱାର୍ଡ ମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଭୋଟ ଗଣତି ହେବ ।
- ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚନ ପାଇଁ ପ୍ରାର୍ଥୀ ମାନେ ଦେଇଥିବା ସତ୍ୟପାଠ ଜିଲ୍ଲା ୱେବସାଇଟ୍ ରେ ନାମାଙ୍କନ ପତ୍ର ସହିତ ପ୍ରକାଶନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
- ଭୋଟଦାନ ସମୟ - ଆସନ୍ତା ପଞ୍ଚାୟତ ନିର୍ବାଚନ, ୨୦୨୨ ପାଇଁ କମିଶନ ଭୋଟଦାନ ସମୟ ସକାଳ ୭ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସ୍ଥିର କରିଛନ୍ତି ।
- ଟୋଲ ଫ୍ରି ନମ୍ବର – କମିଶନଙ୍କ କଲ୍ ସେଣ୍ଟର ସକାଳ ୯ ଘଟିକା ଠାରୁ ଅପରାହ୍ନ ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ଏହାର ନମ୍ବର ୧୮୦୦-୩୪୫-୭୬୮୭ ଅଟେ ।
- କମିଶନଙ୍କ ନିୟନ୍ତ୍ରଣ କକ୍ଷର ଟେଲିଫୋନ ନମ୍ବର – ୦୬୭୪-୨୫୭୩୪୯୪ । ସମୟ ସକାଳ ୮ ଘଟିକା ଠାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ।

୬. କମିଶନଙ୍କ ପତ୍ର ସଂଖ୍ୟା ୨୨୫ ତା୧୦.୦୧.୨୦୨୨ରିଖ ଅନୁଯାୟୀ କୋଭିଡ -୧୯ର ମାର୍ଗଦର୍ଶିକା –

➢ ପଥପ୍ରାନ୍ତ ପ୍ରଦର୍ଶନ, ପଦଯାତ୍ରା, ସାଇକେଲ/ମୋଟରସାଇକେଲ/ଯାନ ପଟୁଆର ପାଇଁ ଅନୁମତି ନାହିଁ ।

- ରାଜନୈତିକ ଦଳ କିମ୍ବା ସମ୍ଭାବ୍ୟ ପ୍ରାର୍ଥୀ ବା ନିର୍ବାଚନରେ ସଂପୃକ୍ତ କୌଣସି ଗୋଷ୍ଠୀଙ୍କର ସମାବେଶ ନିଷିଦ୍ଧ ଅଟେ ।
- କୋଭିଡ ସୁରକ୍ଷା ଦୃଷ୍ଟିରୁ ରାଜନୈତିକ ଦଳ ଓ ପ୍ରାର୍ଥୀ ମାନଙ୍କୁ ଡିଜିଟାଲ/ ଭର୍ଚୁଆଲ/ ମିଡିଆ/ ମୋବାଇଲ ମାଧମରେ ପ୍ରଚାର କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।
- ସର୍ବାଧିକ ୫ ଜଣ ଲୋକଙ୍କ ସହିତ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରି ପାରିବେ ।
- ଭୋଟ ଗଣତି ପରେ କୌଣସି ବିଜୟ ଶୋଭାଯାତ୍ରା କରିବେ ନାହିଁ ।
- ଯଦି କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ କୋଭିଡ-୧୯ର ମାର୍ଗଦର୍ଶିକାର ଖିଲାପ କରନ୍ତି ତାହାହେଲେ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ର ଧାରା ୫୧-୬୦ ଅନୁଯାୟୀ ଦଣ୍ଡିତ ହେବେ ।
- ସମ୍ପୂର୍ଣ୍ଣ କୋଭିଡ ଟିକା ନେଇଥିବା ଏବଂ Negative RTPCR or Antigen Test ରିପୋର୍ଟ ଥିବା ବ୍ୟକ୍ତି ଭୋଟ ଗଣତି କେନ୍ଦ୍ରକୁ ପ୍ରବେଶ କରି ପାରିବେ ।
- ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକଣା କୋହଳ କିମ୍ବା କଠୋର କରାଯାଇ ପାରେ ।

୭. ସମଗ୍ର ରାଜ୍ୟରେ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ ଏବଂ ପ୍ରତି ପର୍ଯ୍ୟାୟ ମଧ୍ୟରେ ଗୋଟିଏ ଦିନ ବ୍ୟବଧାନ ରହିବ । ଏହି ନିର୍ବାଚନରେ ୨,୭୯,୩୫,୫୨୦ ଜଣ ମତଦାତା ୯୧,୯୧୩ ୱାର୍ଡ ମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ ଜିଲ୍ଲା ପରିଷଦ ସଭ୍ୟଙ୍କୁ ନିର୍ବାଚିତ କରିବା ପାଇଁ ମତଦାନ ସାବ୍ୟସ୍ତ କରିବେ ।